## କୁକୁର ଆକ୍ରମଣରେ ହରିଣ ମୃତ



କକାମାକ୍ଷାନଗର, ୩୦।୮ (ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା ପଶ୍ଚିମାଞ୍ଚଳ ରେଞ୍ଜ ଅଁଳାବେରେଣୀ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ଆଲୁଅଝରଣ ଗ୍ରାମ ନିକଟରେ କୁକୁର ପଲଙ୍କ ଆକ୍ରମଣରେ ଏକ ହରିଣର ମୃତ୍ୟୁ ଘଟିଛି। ହରିଣଟି ଖାଦ୍ୟ ଅନ୍ୱେଷଣରେ ପାଖଜଙ୍ଗଲରୁ ଜନବସତି ଅଞ୍ଚଳକୁ ଆସିଥିବା ବେଳେ କୁକୁରପଲଙ୍କ ହାବୁଡ଼ରେ ପଡିଯାଇଥିଲା। ଫଳରେ କୁକୁରମାନଙ୍କ ସଙ୍ଘବଦ୍ଧ ଆକ୍ରମଣରେ ହରିଣଟିର ମୃତ୍ୟୁ ଘଟିଛି। ବନବିଭାଗ ଘଟଣା ସ୍ଥଳରେ ପହଞ୍ଚି ମୃତ ହରିଣକୁ ଜବତ କରି ବ୍ୟବଚ୍ଛେଦ କରିଛି। ମୃତ ହରିଣଟି ଅଣ୍ଡିରା ହୋଇଥିବା ବେଳେ ତାହାର ବୟସ ଚାରିରୁ ପାଞ୍ଚ ବର୍ଷ ହୋଇଥିବା ନେଇ ବନବିଭାଗ ତରଫରୁ ସୂଚନା ମିଳିଛି।

# ସୁଭଦ୍ରା ଯୋଜନାରେ ଯୋଗ୍ୟ ସମସ୍ତ ହିତାଧିକାରୀ ସାମିଲ ହେବେ

### ଜିଲାପାଳଙ୍କ ଖବରଦାତା ସମ୍ମିଳନୀ

ଢେଙ୍କାନାଳ,୩୦।୮ (ରତନ ନାୟାର)

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦଭାବନା ଗୃହରେ ଜିଲାରେ 'ସୁଭଦ୍ରା' ଯୋଜନା କାର୍ଯ୍ୟକାରିତା ସମ୍ପର୍କରେ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ଖବରଦାତା ସମ୍ମିଳନୀରେ ଯୋଗଦେଇ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ, ସୁଭଦ୍ରା ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଜିଲାରେ ସୁଭଦ୍ରା ଯୋଜନାରେ ଯୋଗ୍ୟ ସମସ୍ତ ହିତାଧିକାରୀମାନଙ୍କୁ ଅନ୍ତର୍ଭୁକ୍ତ କରାଯିବ ବୋଲି ଜିଲାପାଳ କହିଥିଲେ। ଏହି ଯୋଜନାର ହିତାଧିକାରୀମାନେ ଯେପରି ସଠିକ୍ ସୂଚନା ପାଇବେ ଓ ଆବେଦନ କରିପାରିବେ ସେଥିପାଇଁ ସମସ୍ତ ଆବଶ୍ୟକ ବ୍ୟବସ୍ଥା ସମ୍ପର୍କରେ ସୂଚନା ପ୍ରଦାନ କରାଯିବା ଉପରେ ଜିଲାପାଳ ଗୁରୁତ୍ୱ ପ୍ରଦାନ କରିଥିଲେ। ଏହି ଯୋଜନା ଅଧିନରେ ଆସୁଥିବା କୌଣସି ହିତାଧିକାରୀ ସୁବିଧାରୁ ଯେପରି ବାଦ ନ ପଡ଼ିବେ ସେଥିପ୍ରତି ଦୃଷ୍ଟି ଦିଆଯାଉଛି। ସୁଭଦ୍ରା ଯୋଜନା ହିତାଧିକାରୀଙ୍କ ପାଇଁ ଦରଖାସ୍ତ ଫର୍ମ ଅଙ୍ଗନୱାଡି କେନ୍ଦ୍ର, ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, କମନ ସର୍ଭିସ ସେଣ୍ଟର ଓ ମୋ ସେବା କେନ୍ଦ୍ରରେ ବଣ୍ଟନ କରାଯିବ। କମନ ସର୍ଭିସ୍ ସେଣ୍ଟର ଏବଂ ମୋ ସେବା କେନ୍ଦ୍ରରେ ଫର୍ମ ଦାଖଲ କରାଯିବ। ସେଠାରେ ଏହାର ଡିଜିଟାଇଜେସନ କରାଯିବ। ଏଥିସହିତ ଆବେଦନକାରୀମାନଙ୍କୁ ଫର୍ମ ଦାଖଲ ପ୍ରମାଣ ସ୍ୱୀକୃତିର ପ୍ରିଣ୍ଟ ମିଳିବ। ଆବେଦନକାରୀଙ୍କୁ ଏଥିପାଇଁ କୌଣସିସ୍ତରରେ କୌଣସି ପ୍ରକାର ଦେୟ ଦେବାକୁ ପଡ଼ିବନି। ହିତାଧିକରୀମାନେ ଯେପରି ସମସ୍ତେ ସୁବିଧାରେ ଆବେଦନ କରିପାରିବେ, ସେଥିପାଇଁ ଯଥେଷ୍ଟ ସଂଖ୍ୟକ ଫର୍ମ ସୁବିଧା କରିବାକୁ ବିଡିଓ ଓ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନର ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଛି, ଯେଉଁଥିରେ କି ଯୋଜନାର କାର୍ଯ୍ୟକାରିତା ସମୟରେ ଯଦି କେହି ଅସାଧୁ ଲୋକ ମହିଳାଙ୍କ ଠାରୁ ପଇସା ଆଦାୟ କରନ୍ତି କିମ୍ବା ଫର୍ମ ବିତରଣ ଏବଂ ସଂଗ୍ରହ ବେଳେ ବିଶୃଙ୍ଖଳା ସୃଷ୍ଟିକରନ୍ତି, ତେବେ ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସମ୍ମିଳନୀରେ ଉପସ୍ଥିତ ଏସ୍‌ପି ମଡକର ସମ୍ପିତ ସମ୍ପଦ କହିଥିଲେ। ଏହି ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅନିତା ପାତ୍ର, ଜିଲା ସମାଜ ମଙ୍ଗଳ ଅଧିକାରୀ ମିତା ଶର୍ମା, କାମାକ୍ଷାନଗର ଉପଜିଲାପାଳ ନାରାୟଣଚନ୍ଦ୍ର ନାୟକ, ହିନ୍ଦୋଳ ଉପଜିଲାପାଳ ଶିବାନନ୍ଦ ସ୍ୱାଇଁ ଓ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।



ଖବରଦାତା ସମ୍ମିଳନୀରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

## ଢେଙ୍କାନାଳରୁ ୩ ପ୍ରତିଯୋଗୀ ମନୋନୀତ



### ରାଜ୍ୟସ୍ତରୀୟ ପେନଚାକ୍ ସିଲାଟ ପ୍ରତିଯୋଗିତା

ଢେଙ୍କାନାଳ,୩୦।୮ (ରତନ ନାୟାର)

ରାଉଲକେଲା ସେକ୍ଟର ୫ର ଭଞ୍ଜ ସାଂସ୍କୃତିକ ଟ୍ରଷ୍ଟ ହଲଠାରେ ଓଡ଼ିଶାର ବିଭିନ୍ନ ଜିଲାକୁ ନେଇ ପେନଚାକ୍ ସିଲାଟ ଆସୋସିଏଶନ ଓଡ଼ିଶା ଦ୍ୱାରା ୭ମ ସର୍ବ କନିଷ୍ଠ, କନିଷ୍ଠ ରାଜ୍ୟସ୍ତରୀୟ ପେନଚାକ ସିଲାଟ ପ୍ରତିଯୋଗିତା ଚଳିତ ମାସ ୩୧ ଓ ସେପ୍ଟେମ୍ବର ୧ ତାରିଖରେ ଅନୁଷ୍ଠିତ ହେବ। ଭାଗ ନେଉଥିବା ଖେଳାଳିମାନେ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଶୁଭ୍ରାଂଶୁ ଶେଖର ସାହୁ, ବି.ବି. ହାଇସ୍କୁଲର ସୁରଜ ବାହାଦୁର ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ରିୟା ବେହେରା ପ୍ରମୁଖ ସବଜୁନିୟର ଓ ଜୁନିୟର ବିଭାଗର ବିଭିନ୍ନ ଓଜନରେ ଭାଗନେବା ପାଇଁ ଶୁକ୍ରବାର ଗସ୍ତ କରିଛନ୍ତି। ଏହି ଗସ୍ତରେ ଟିମ ସହିତ କୋଚ୍ ଭାବରେ ଗୁରୁକୁଳର ପ୍ରଶିକ୍ଷକ ଡାର୍ଲିଂନ ଡାଲଟନ ଗସ୍ତ କରିଛନ୍ତି। ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି ଏବଂ ପେନଚାକ ସିଲାଟ ଆସୋସିଏଶନ ଢେଙ୍କାନାଳର ସମ୍ପାଦକ ତଥା ମୁଖ୍ୟ ପ୍ରଶିକ୍ଷକ ମାଷ୍ଟର ଇଂ ସୌମ୍ୟବ୍ରତ ସାହୁ, ଆସୋସିଏଶନର କର୍ମକର୍ତ୍ତା ପ୍ରମୁଖ ଟିମକୁ ପୁଷ୍ପଗୁଚ୍ଛ ସହିତ ଉତ୍ସାହିତ କରିବା ସହ ଶୁଭେଚ୍ଛା ଜଣାଇଥିଲେ।

# ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ



### ନୂତନତ୍ୱ ଭାବନାରେ ଗବେଷଣା କଲେ ସଫଳତା ମିଳିବ

ଭୁବନ, ୩୦।୮ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବ୍ଲକସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନରେ କୁଇଜ ପ୍ରତିଯୋଗିତା ଶୁକ୍ରବାର ନୂଆ ଭୁବନ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସେଥିରେ ବ୍ଲକର ୨୯ଟି ଉଚ୍ଚ ବିଦ୍ୟାଳୟର ୮୭ ଜଣ ଛାତ୍ରୀଛାତ୍ର ଭାଗନେଇଥିଲେ। ସେମାନଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା କରାଯାଇ ୩ଜଣ ଶ୍ରେଷ୍ଠ ପ୍ରତିଯୋଗୀ ଚୟନ କରାଯାଇଥିଲା। ଜାତୀୟ ବିଦ୍ୟାନିକେତନ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ନୈତିକ ପଣ୍ଡା ପ୍ରଥମ, ଭୁବନ ସରକାରୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ପ୍ରଦ୍ୟୁମ୍ନ କୁମାର ବେଜ ୨ୟ ଓ ମାର୍ଥାପୁର ଉଚ୍ଚ ବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ର ଆର୍ଯ୍ୟବ୍ରତ ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ବିଡିଓ କଲ୍ୟାଣ ସୌରଭ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନତ୍ୱ ଭାବନାକୁ ନେଇ ଗବେଷଣା କଲେ ଶ୍ରେଷ୍ଠତ୍ୱ ଲାଭ କରିବା ସହିତ ଜିଜ୍ଞାସା ଭାବରେ ନିଜର ପରିଚୟ ସୃଷ୍ଟି କରିପାରିବା ବୋଲି କହିଥିଲେ। ତହସିଲଦାର ସିରିଅଲ ଶୁଭ୍ର ପଟେଲ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିବା ବେଳେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଦୈତ କୁମାର ସାମଲ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିପିନ ବିହାରୀ ସେଠୀ ଓ ପ୍ରଧାନ ଶିକ୍ଷକ ଖଗେଶ୍ୱର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବ୍ଲକ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜିକା ରାଜଲକ୍ଷ୍ମୀ ଟୁଡୁ, ଏବିଡିଓ ପୁଷ୍ପାଞ୍ଜଳି ମିଶ୍ର ଓ ବିଜ୍ଞାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଆଏଚ, ସୁକାନ୍ତ ସାହୁ, ଅକ୍ଷୟ ସତପଥି, ସରୋଜ ନାୟକ, କାର୍ତ୍ତିକ ପେଣ୍ଠଇ ଓ ସନ୍ତୋଷ କୁମାର ସ୍ୱାଇଁ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସମାପନ କରିଥିଲେ। କାର୍ଯ୍ୟକ୍ରମକୁ ନୂଆ ଭୁବନ ନୋଡାଲ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରଜିତ କିଶୋର ସାହୁ ପରିଚାଳନା କରିଥିଲେ।

# ସୌର ବ୍ରାହ୍ମଣ ପରିଷଦର ଦ୍ୱିତୀୟ ସ୍ୱନକ୍ଷତ୍ର ଉତ୍ସବ

ଢେଙ୍କାନାଳ,୩୦।୮ (ରତନ ନାୟାର)

ଢେଙ୍କାନାଳ ସୌର ବ୍ରାହ୍ମଣ ପରିଷଦର ଦ୍ୱିତୀୟ ସ୍ୱନକ୍ଷତ୍ର ଉତ୍ସବ ଶୁକ୍ରବାର ସ୍ଥାନୀୟ ଗୋପବନ୍ଧୁ ଟାଉନହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ପୁରୀ, କଟକ, ଢେଙ୍କାନାଳ, ଅନୁଗୋଳ ଓ ଦେବଗଡ଼ ଜିଲାର ସୌର ବ୍ରାହ୍ମଣ ପଣ୍ଡିତ ମଣ୍ଡଳୀଙ୍କ ସମାଗମ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଡ. ପ୍ରମୋଦ ଆଚାର୍ଯ୍ୟ, ମୁଖ୍ୟବକ୍ତା ଭାବେ ପଣ୍ଡିତ ଅନନ୍ତ ଚରଣ ନାୟକ, ସମ୍ମାନିତ ଅତିଥି ଭାବେ ପଣ୍ଡିତ ରଘୁନାଥ ନାଥଦାସ, ଅଚ୍ୟୁତାନନ୍ଦ ନାୟକ, ପ୍ରଦୀପ୍ତ କୁମାର ନାୟକ, ଗଗନ ବିହାରୀ ଆଚାର୍ଯ୍ୟ, ପ୍ରଭାତ କୁମାର ନାୟକ, ନିର୍ମଳ ଚନ୍ଦ୍ର ନାୟକ, ପୁରୁଷୋତ୍ତମ ନାୟକ, ପଣ୍ଡିତ ସଂଗ୍ରାମ କେଶରୀ ମହାପାତ୍ର ଏବଂ ପଣ୍ଡିତ ଶରତ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଡ. ପ୍ରମୋଦ ଆଚାର୍ଯ୍ୟ ଉତ୍ସବରେ ସଭାପତିତ୍ୱ କରିଥିଲେ। ଢେଙ୍କାନାଳ ଜିଲା ସଭାପତି ପୁରୁଷୋତ୍ତମ ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ନିର୍ମଳଚନ୍ଦ୍ର ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ। ଯୁବକବି ପଣ୍ଡିତ ଦେବୀ ପ୍ରସାଦ ନାୟକ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ସୌର ବ୍ରାହ୍ମଣ ନାଟ୍ୟ ମଞ୍ଚ କଳାକାରମାନେ ନାଟ୍ୟକାର ଦେବୀ ପ୍ରସାଦ ନାୟକଙ୍କ ଦ୍ୱାରା ରଚିତ ନାଟକ ସୂର୍ଯ୍ୟସିଦ୍ଧାନ୍ତ ପରିବେଷଣ କରିଥିଲେ। ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ପଣ୍ଡିତ ସତ୍ୟନାରାୟଣ ମହାପାତ୍ର, ପଣ୍ଡିତ ପ୍ରଫୁଲ୍ଲ କୁମାର ନାୟକ, ପଣ୍ଡିତ ପ୍ରମୋଦ କୁମାର ନାୟକ ଓ ପଣ୍ଡିତ ଲକ୍ଷ୍ମୀକାନ୍ତ ନାୟକଙ୍କୁ ସମ୍ମାନିତ କରାଯାଇଥିଲା।



## ୩ ବଖରା ଜଳିଗଲା

ରାସୋଳ, ୩୦।୮ (ସରୋଜ କୁମାର ମିଶ୍ର)

ହିନ୍ଦୋଳ ଉପଖଣ୍ଡ କାରନ୍ଦା ଗ୍ରାମରେ ନିଆଁ ଲାଗି ଜନୈକ ବ୍ୟକ୍ତିଙ୍କ ତିନି ବଖରା ଘର ପୋଡ଼ି ପାଉଁଶ ହୋଇଯାଇଛି। ବାହାଲ ସାହିରେ ଥିବା ଦିବାକର ନାୟକଙ୍କ ଘରେ ଦିନ ପ୍ରାୟ ଗୋଟାଏ ସମୟରେ ରୋଷେଇ ନିଆଁରୁ ନିଆଁ ଲାଗି ତିନି ବଖରା ପୋଡ଼ି ପାଉଁଶ ହୋଇଯାଇଛି। ଘରେ ଥିବା ସମସ୍ତ ଆସବାବପତ୍ର, ଲୁଗାପଟା ଓ ଗଚ୍ଛିତ ଖାଦ୍ୟ ଶସ୍ୟ ଓ କିଛି ଟଙ୍କା ପୋଡ଼ିଯାଇଛି। ଖବର ପାଇ ଖଜୁରିଆକଟା ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଦିବାକର ଜଣେ ଦିନ ମଜୁରିଆ ହୋଇଥିବା ବେଳେ ତାଙ୍କର ପାଞ୍ଚ ପ୍ରାଣୀ କୁଟୁମ୍ବକୁ ନେଇ ପୋଷିବା କଷ୍ଟସାଧ ହୋଇପଡିଛି। ପ୍ରଶାସନ ତରଫରୁ ଦିବାକରଙ୍କୁ ସମସ୍ତ ପ୍ରକାର ସରକାରୀ ସାହାଯ୍ୟ ସହଯୋଗ ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି।

# ବ୍ଲକ୍‌ସ୍ତରୀୟ କୁଇଜ୍ ପ୍ରତିଯୋଗିତା

ଢେଙ୍କାନାଳ,୩୦।୮ (ରତନ ନାୟାର)

ଢେଙ୍କାନାଳ ପୌରାଞ୍ଚଳର ଶ୍ରୀବଳରାମ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ତରଫରୁ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ ଅନ୍ତର୍ଗତ ବ୍ଲକ୍‌ସ୍ତରୀୟ କୁଇଜ୍ ପ୍ରତିଯୋଗିତା ଗୁରୁବାର ଓ ଶୁକ୍ରବାର ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ପ୍ରାଥମିକସ୍ତରର ଛାତ୍ରଛାତ୍ରୀ ଓ ଶୁକ୍ରବାର ମାଧ୍ୟମିକସ୍ତରର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏବିଇଓ ଦେବବ୍ରତ ନାଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଇଓ ବ୍ରହ୍ମାନନ୍ଦ ରାଉତ, ମୁଖ୍ୟବକ୍ତା ଭାବେ ଓଷ୍ଟାର ସଭାପତି ସନ୍ତୋଷ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଏବିଇଓ ଶତୃଘନ ଖଣ୍ଡା ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସରିତା ସିଂହସାମନ୍ତ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପ୍ରଥମ ଦିନ ୧୫୦ଜଣ ପ୍ରାଥମିକ ଛାତ୍ରୀଛାତ୍ର ଓ ଦ୍ୱିତୀୟ ଦିନ ୮୦ଜଣ ମାଧ୍ୟମିକ ଛାତ୍ରୀଛାତ୍ର କୁଇଜ୍‌ରେ ଅଂଶଗ୍ରହଣ କରିଥିଲେ। ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ଓ କୁଇଜ୍ ପୁସ୍ତକ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଆୟୋଜିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଢେଙ୍କାନାଳ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଶୁକ୍ରବାର ବିଇଓଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଜିଲା ଶିକ୍ଷାଧିକାରୀ ବିନିତା ସେନାପତି ମୁଖ୍ୟ ଅତିଥି ଭାବେ ଓ ଜିଲା ବିଜ୍ଞାନ ଅଧିକାରୀ ମଥୁରୀ ମୋହନ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଶିକ୍ଷକ ପ୍ରଶାନ୍ତ କୁମାର ପଣ୍ଡା, ବିଚିତ୍ରାନନ୍ଦ ରାଉତ, ସୁଶାନ୍ତ କୁମାର ପାଢୀ, ଶିକ୍ଷୟିତ୍ରୀ ବର୍ଷା ସାହୁ, ପ୍ରିୟଙ୍କା ପ୍ରିୟଦର୍ଶିନୀ ବରାଳ ଓ ସୁଶ୍ରୀ ଶୁଭସ୍ମିତା ବେଉରା ବିଚାରକ ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ କୃତୀକୁ ମୂଲ୍ୟାଙ୍କନ କରିଥିଲେ। ଶିକ୍ଷକ ରଜନୀକାନ୍ତ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ କାଳନ୍ଦି ଦେବତା, ବିକ୍ରମ ସେଠୀ, ବିଚ୍ଛନ୍ଦ ବେହେରା, ଲାଲୁ ପ୍ରସାଦ ସେନ୍, ବିକାଶ ଜେନା, ରସାନନ୍ଦ ମହାରଣା, ବିଷ୍ଣୁ ମଲ୍ଲିକ, ଦିଲ୍ଲୀପ ପଣ୍ଡା, ନୃସିଂହ ପତି, ଶୁଭସ୍ମିତା ରାଉତ, ପ୍ରଭାତୀ ବେହେରା, ପଞ୍ଚାନନ ସୁନ୍ଦର ପାଣି ଓ ସଦର ବ୍ଲକ୍ ସମସ୍ତ ସିଆର୍‌ସିସି ସହଯୋଗ କରିଥିଲେ।



## ୮୦୦ ଲିଟର ଦେଶୀମଦ ନଷ୍ଟ

କାମାକ୍ଷାନଗର, ୩୦।୮ (ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୮୦୦ ଲିଟର ଦେଶୀ ମଦ ନଷ୍ଟ କରାଯାଇଛି। ପରଜଙ୍ଗ ଥାନା ଅନ୍ତର୍ଗତ ବସୋଇ ଓ ଆମ୍ବପଳାସ ଗ୍ରାମ ନିକଟସ୍ଥ ଜଙ୍ଗଲରେ ଦେଶୀମଦ ତିଆରି ହେଉଥିବା ନେଇ ଅବକାରୀ ବିଭାଗ ସୂଚନା ପାଇଥିଲା। କାମାକ୍ଷାନଗର ଅବକାରୀ ଅତିରିକ୍ତ ଅଧିକ୍ଷକ ସାଓନ ଭୋଳଙ୍କ ନେତୃତ୍ୱରେ ଏକ ଟିମ ଚଢ଼ାଉ କରି ୮୦୦ ଲିଟର ଦେଶୀ ମଦ ନଷ୍ଟ କରିବା ସହ ମଦ ତିଆରି ସାମଗ୍ରୀକୁ ଜବତ କରିଛନ୍ତି। ଏହି ଚଢ଼ାଉରେ ଅବକାରୀ ଥାନାର ଅଧିକାରୀ ଓ କର୍ମଚାରୀ ସାମିଲ ଥିଲେ।

# ୫ରେ ମହିମାଗାଦିରେ ନବାନ୍ନ ଉତ୍ସବ



ଢେଙ୍କାନାଳ,୩୦।୮ (ରତନ ନାୟାର)

ଢେଙ୍କାନାଳ ଜିଲା ବିଶ୍ୱ ପ୍ରସିଦ୍ଧ ମହିମାଗାଦି ଯୋରନ୍ଦାରେ ଆସନ୍ତା ୫ ତାରିଖରେ ନବାନ୍ନ ଉତ୍ସବ ହେବା ପାଇଁ ଲଗ୍ନ ସ୍ଥିର ହୋଇଛି। ଏହି ଉପଲକ୍ଷେ ଶୁକ୍ରବାର ମହିମାଗାଦି ଆଶ୍ରମ ମଣ୍ଡଳଠାରେ ସତ୍ୟ ମହିମା ଧର୍ମଧାମ ପରିଚାଳନା ସମିତି ସଭାପତି ସୁକଦେବ ବାବାଙ୍କ ପରାମର୍ଶ କ୍ରମେ ସମ୍ପାଦକ ବାବା ନିତ୍ୟାନନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟିର ସଭ୍ୟ, ପ୍ରଫୁଲ୍ଲ ବାବା, ସୁବ୍ରତ ବାବା, ଭୀମସେନ ବାବା, ମୋହନ ବାବା, ପ୍ରମୋଦ ବାବା, ବଡ ଭୀମବାବା, ପବିତ୍ର ବାବା, ସୁଜନ ବାବା, ଅଚ୍ୟୁତାନନ୍ଦ ବାବା, ସ୍ୱାଧିନ ବାବା, ଚିତ୍ତରଞ୍ଜନ ବାବା, କେଶବାନନ୍ଦ ବାବା, ଧ୍ରୁବଚରଣ ବାବା, ବନମାଳୀ ବାବା, ବିକ୍ରମ ବାବା, ଶଙ୍କର ବାବା, ସୁରେଶ ବାବା, ସାଧୁ ଶ୍ରୀକାନ୍ତ ଦାସ ଓ ବିଶ୍ୱାନନ୍ଦ ଦାସ ପ୍ରମୁଖ ଆଲୋଚନା କରିଥିଲେ। ଆସନ୍ତା ୫ ତାରିଖ ପ୍ରାତଃ ବ୍ରାହ୍ମ ମୁହୂର୍ତ୍ତ ୪ଟା ୩୦ମିନିଟ ସମୟରେ ପାରମ୍ପରିକ ଭାବେ ଅହ୍ଲଣିଆ ମଣ୍ଡପଠାରେ ନୂତନ ଚୁଡା, ଗୁଡ, କଦଳି, ସେଓ, ନଡ଼ିଆ, ଅଙ୍ଗୁର ଆଦି ସୁସ୍ୱାଦୁ ଫଳ, ଛେନା, ବୁନ୍ଦିଆ, ଗୁଜୁରାତି, ଅଳେଇଚ, ଅଦା ଓ ଲବଙ୍ଗ ଆଦି ମିଶାଯାଇ ସୁସ୍ୱାଦୁ ପ୍ରସାଦ ପ୍ରଭୁ ମହିମା ସ୍ୱାମୀଙ୍କୁ ଅର୍ପଣ କରାଯିବ। ୭ଜଣ ତ୍ୟାଗୀ ୭ଟି ମାଟି ହାଣ୍ଡିରେ ଏହି ସୁସ୍ୱାଦୁ ପ୍ରସାଦ ପ୍ରଭୁଙ୍କୁ ଅର୍ପଣ କରିବେ। ଏହାପରେ ବାଳଭୋଗ ହେବ। ପରେ ସକାଳ ୭ଟା ସମୟରୁ ଭିକ୍ଷା ମଣ୍ଡପଠାରେ ସର୍ବସାଧାରଣଙ୍କ ପାଇଁ ନବାନ୍ନ ଚୁଡ଼ା ପ୍ରସ୍ତୁତ କରାଯାଇ ବଣ୍ଟନ କରାଯିବ। ଭିକ୍ଷା ମଣ୍ଡପଠାରେ ସମସ୍ତ ସାଧୁ, ଭକ୍ତ ଏକତ୍ର ପ୍ରସାଦ ସେବନ କରିବେ। ଆଠଗଡ଼ ଅଞ୍ଚଳର ମଙ୍ଗୁଲୁ ଭୋଇଙ୍କ ପରିବାର ପ୍ରତିବର୍ଷ ନବାନ୍ନ ଚୁଡ଼ା ଯୋଗାଉଛନ୍ତି। ଏହି ଉତ୍ସବରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ସାଧୁଭକ୍ତମାନେ ଆସି ଯୋଗଦେବେ। ଏଥିପାଇଁ ସାଧୁସମାଜ ପକ୍ଷରୁ ମହିମା ଗାଦିରେ ପ୍ରସ୍ତୁତି ଆରମ୍ଭ ହୋଇଛି। ଆଶ୍ରମଗୁଡିକ ସଫା ସୁତରା କରାଯାଉଛି। ଦୂରଦୁରାନ୍ତରୁ ସାଧୁଭକ୍ତମାନେ ଆସି ମହିମଗାଦିରେ ପହଁଚିଲେଣି। ସେହିପରି କୌପୀନଧାରୀ ମହିମା ସମାଜ ଆଶ୍ରମ ମଣ୍ଡଳଠାରେ ସଭାପତି ରଘୁନାଥ ବାବାଙ୍କ ଅଧ୍ୟକ୍ଷତାରେ ନବାନ୍ନ ଉତ୍ସବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୫ତାରିଖ ପ୍ରାତଃ ବ୍ରାହ୍ମ ମୁହୂର୍ତ୍ତରୁ ଅଖଣ୍ଡ ଜ୍ୟୋତି ମନ୍ଦିରଠାରେ ପ୍ରଭୁ ମହିମା ସ୍ୱାମୀଙ୍କୁ ନବାନ୍ନ ଅର୍ପଣ କରାଯିବ। ପ୍ରାତଃ ୮ଟା ସମୟରେ ସାଧୁଭକ୍ତ ଓ ସର୍ବସାଧାରଣଙ୍କୁ ନବାନ୍ନ ବଣ୍ଟନ କରାଯିବ ବୋଲି ସମ୍ପାଦକ ସୁଶାନ୍ତ ବାବା ଓ କୋଷାଧ୍ୟକ୍ଷ ସଞ୍ଜୟ ବାବା ଜଣାଇଛନ୍ତି।

# ବେଆଇନ ଭାବେ ରାଜପଥ କାଟିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

ଢେଙ୍କାନାଳ,୩୦।୮ (ରତନ ନାୟାର)



### ଜିଲା ସଡ଼କ ସୁରକ୍ଷା କମିଟି ବୈଠକ

- ବିପଦସଙ୍କୁଳ ସର୍ଭିସ୍ ରୋଡ଼ ମରାମତି ନିର୍ଦ୍ଦେଶ
- ଦୁର୍ଘଟଣାପ୍ରବଣ ସ୍ଥଳରେ ସତର୍କ ସୂଚନା ଲଗାଅ: ଏସ୍‌ପି
- ୪ ଛକରେ ଓଭରବ୍ରିଜ୍ ପାଇଁ ପ୍ରସ୍ତାବ

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଶୁକ୍ରବାର ଅପରାହ୍ନ ସାଢେ ୪ଟା ସମୟରେ ଜିଲାର ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ବୈଠକରେ ଅଧ୍ୟକ୍ଷତା କରି ରାସ୍ତା କଡ଼ରେ ଭାରିଯାନ ପାର୍କିଂ କରି ରହିବା ଏବଂ ବିଭିନ୍ନ ବ୍ୟବସାୟ ସଂସ୍ଥା ଦ୍ୱାରା ଅଧିକାଂଶ ସ୍ଥାନରେ ରାଜପଥକୁ କାଟି ଚଳପ୍ରଚଳ କରୁଥିବା ଯୋଗୁଁ ଅଧିକ ଦୁର୍ଘଟଣା ଘଟୁଥିବାରୁ ଏହାକୁ ରୋକିବା ଉପରେ ଗୁରୁତ୍ୱ ପ୍ରଦାନ କରିବା ସହ ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ରାସ୍ତା ଦୁର୍ଘଟଣା ରୋକିବା ଏବଂ ମୃତ୍ୟୁସଂଖ୍ୟା କମାଇବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଯତ୍ନବାନ ହେବାକୁ ଜିଲାପାଳ କହିଥିଲେ। ସେହିପରି ଜାତୀୟ ରାଜପଥ ପ୍ରାଧିକରଣ, ରାଜପଥ ସଂପ୍ରସାରଣ କାର୍ଯ୍ୟ ସମ୍ପର୍କରେ ସେଲ୍‌ଫ ଅଡିଟ୍ କରି ରିପୋର୍ଟ ପ୍ରଦାନ କରିବା ପାଇଁ ଜିଲାପାଳ ପ୍ରାଧିକରଣର ଅଧିକାରୀମାନଙ୍କୁ କହିଥିଲେ। ଦୁର୍ଘଟଣା ପ୍ରବଣ ଅଞ୍ଚଳରେ ଅଧିକ ସତର୍କ ସୂଚନା ଲଗାଇବା ଉପରେ ଏସ୍‌ପି ମଡକର ସମ୍ପିତ ସମ୍ପଦ ଗୁରୁତ୍ୱ ପ୍ରଦାନ କରିଥିଲେ। ରାଜପଥରେ ଆମ୍ବୁଲାନ୍ସ ଓ ପାଟ୍ରୋଲିଂ ବ୍ୟବସ୍ଥାକୁ ନିୟମିତ କରିବା ପାଇଁ ଯତ୍ନବାନ ହେବା ନିମନ୍ତେ ଜିଲାପାଳ ଅଧିକାରୀମାନଙ୍କୁ କହିଥିଲେ। ଡିସେମ୍ବର ସୁଦ୍ଧା ଜାତୀୟ ରାଜପଥ ସଂପ୍ରସାରଣ କାର୍ଯ୍ୟ ଶେଷ ହେବ ବୋଲି ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀମାନେ ସୂଚନା ଦେଇଥିଲେ। କଟକ ଜିଲାର ମଙ୍ଗୁଳିରୁ ଢେଙ୍କାନାଳ ଜିଲା ଓ ଅନୁଗୋଳ ଜିଲା ମଧ୍ୟରେ ୪୫ଟି କନ୍‌ଷ୍ଟ୍ରକ୍‌ସନ କାମ ଜାରିରହିଛି। ଏହି କାର୍ଯ୍ୟ ଜୁନ ମଧ୍ୟରେ ସରିବାକୁ ଥିଲା। କିନ୍ତୁ ଫ୍ଲାଏଆଶ ମିଳୁନଥିବାରୁ ଏଥିରେ ବିଳମ୍ବ ହୋଇଥିଲା। ସେହିପରି ଢେଙ୍କାନାଳ ସହରସ୍ଥିତ ମହିଷାପାଟ, କଣ୍ଟାନାଳୀ ବାଇପାସ୍, ମୋଟଙ୍ଗା ଥାନାର ଗୁଡିଆକାଟେଣୀ ଛକ, ପରଜଙ୍ଗ ଥାନା ଡିହଡୋଳ ଓ ସରାଙ୍ଗ ମଧ୍ୟରେ ଏବଂ କାମାକ୍ଷାନଗର ଥାନା ଜିଜିଡିମାଳୀ ଛକଠାରେ ଟ୍ରାଫିକ୍ ସମସ୍ୟା ସୁଧାରିବା ପାଇଁ ଫ୍ଲାଏ ଓଭରବ୍ରିଜ୍ ନିର୍ମାଣ କରିବା ନିମନ୍ତେ କମିଟିର ସଦସ୍ୟ ପ୍ରଦ୍ୟୁମ୍ନ ରଥ ବୈଠକରେ ପ୍ରସ୍ତାବ ଦେଇଥିଲେ। ଏ ସମ୍ପର୍କରେ ଆଲୋଚନା କରାଯିବ ବୋଲି ଜିଲାପାଳ କହିଥିଲେ। ଜାତୀୟ ରାଜପଥରେ ଅଧିକ ଦୁର୍ଘଟଣା ବଢୁଥିବାରୁ ବ୍ଲାକ୍‌ସ୍ପଟ୍‌ଗୁଡିକରେ ଅଧିକ ସାଇନେଜ୍ ଲଗାଇବା ସହିତ ନିୟମିତ ହେଲମେଟ୍ ଚେକିଂ ଓ ମଦ୍ୟପାନକାରୀ ଗାଡ଼ିଚାଳକଙ୍କୁ ଜବତ କରିବା, ଦ୍ରୁତଗାମୀ ଗାଡ଼ିଚାଳନା ଯାଞ୍ଚ କରିବା ଏବଂ ଦୁର୍ଘଟଣା ସ୍ଥଳରେ ରହିଥିବା ଗାଡ଼ି ଚାରିପାଖରେ ରେଡିୟମ ଷ୍ଟିକର ଲଗାଇ ଯାତାୟତକୁ ସୁରକ୍ଷା କରିବା ସମ୍ପର୍କରେ ଗୁରୁତ୍ୱ ଦିଆଯାଇଥିଲା। ରାଜପଥରେ ହେଉଥିବା ଟ୍ରାଫିକ୍ ଜାମ ଏବଂ ସମ୍ପ୍ରସାରଣ କାର୍ଯ୍ୟ ଚାଲୁଥିବା ବେଳେ ବିଭିନ୍ନ ସ୍ଥାନରେ ପ୍ରାଧିକରଣ କର୍ତ୍ତୃପକ୍ଷ ବୁଲି ଦେଖିବା ସହିତ ଠିକ୍ ଜାଗାରେ ସତର୍କ ସୂଚନା ଲଗାଇବା ପାଇଁ କମିଟି ସଦସ୍ୟ ସତ୍ୟସ୍ୱରୁପ ଦାସ ବୈଠକରେ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରାୟ ୪୬ ପ୍ରତିଶତ ଦୁର୍ଘଟଣା ଜାତୀୟ ରାଜପଥରେ ଘଟୁଥିବାରୁ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ୫୫ନଂ ଜାତୀୟ ରାଜପଥର କଣ୍ଟାବଣିଆଠାରେ ସରକାରଙ୍କ ପକ୍ଷରୁ ଏକ ଟ୍ରକ୍ ଟର୍ମିନାଲ ନିର୍ମାଣ କରାଯିବ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ କୁମାର ମିଶ୍ର ସୂଚନା ଦେଇଥିଲେ। ସଡ଼କ ଦୁର୍ଘଟଣାରେ ୫୦ପ୍ରତିଶତ ଦୁଇଚକିଆ ଯାନ ଆରୋହୀଙ୍କର ମୃତ୍ୟୁ ହେଉଥିବା ସୂଚନା ଦିଆଯାଇଥିଲା। ଟ୍ରାଫିକ ନିୟମ ଅବମାନନା କରି ଗାଡ଼ି ଚଳାଉଥିବା ୧୧୨୫ଜଣଙ୍କର ଡ୍ରାଇଭିଂ ଲାଇସେନ୍ସ ୩ମାସ ପାଇଁ ରଦ୍ଦ କରାଯାଇଛି। ସେହିପରି ଢେଙ୍କାନାଳରୁ କପିଳାସ ଦେଇ ଗଁଦିଆ ଓ ଭୁବନ ଆଡ଼କୁ ଯାଇଥିବା ପୂର୍ତ୍ତବିଭାଗ ରାସ୍ତା ବିପଦସଙ୍କୁଳ ହୋଇଥିବା ବୈଠକରେ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପୂର୍ତ୍ତବିଭାଗ ଅଧିକ୍ଷଣ ଯନ୍ତ୍ରୀ ଜୟନ୍ତ ପ୍ରସାଦ ନାୟକ, ଜିଲାରେ ପୂର୍ତ୍ତବିଭାଗ ରାସ୍ତାଗୁଡିକର ସ୍ଥିତି ସମ୍ପର୍କରେ ଅବଗତ କରିଥିଲେ। ବୈଠକରେ ଏମ୍‌ଭିଆଇ ଦେବାଶିଷ ସ୍ୱାଇଁ, ଜିଲା ସଡ଼କ ସୁରକ୍ଷା କମିଟି ସଭ୍ୟ ରୁଦ୍ର ନାରାୟଣ ତ୍ରିପାଠୀ, ସଦର ଏସ୍‌ଡିପିଓ ବିଭୁତି ଭୂଷଣ ମହାପାତ୍ର ଓ ରେଡକ୍ରସ ଉପସଭାପତି ବିରଞ୍ଚି ନାରାୟଣ ପାଣି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଦୁର୍ଘଟଣାରେ ଜୀବନ ବଞ୍ଚାଇଥିବା ୧୭ଜଣ ଗୁଡ୍ ସମରିଟାନ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା।

**ବିଜ୍ଞାନ ମେଳାରେ ୫୦ ପ୍ରକଳ୍ପ**

ଆଠମଲ୍ଲିକ,(ଉଦୀପ୍ତ ପୁରୋହିତ): ଆଠମଲ୍ଲିକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ୫୦ ଜଣ ଛାତ୍ରୀଛାତ୍ର ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ତରୁଣ କୁମାର ଦାଶ, ବିଚାରକ ଭାବେ ଆଚାର୍ଯ୍ୟ ବିଶ୍ୱାମିତ୍ର ଅଦାବର, ଆଚାର୍ଯ୍ୟା ଅର୍ଚ୍ଚନା ସିଂ ସାମନ୍ତ, ଆଚାର୍ଯ୍ୟା ଦୀପ୍ତିମୟୀ ମହାକୁଡ଼ ପ୍ରମୁଖ ମୂଲ୍ୟାଙ୍କନ କରିଥିଲେ। ଆଚାର୍ଯ୍ୟା ରିଜୁମଣି ତ୍ରିପାଠୀ, ଶକୁନ୍ତଳା କର୍ଣ୍ଣ, ଲିପ୍ସାମୟୀ ତ୍ରିପାଠୀ ପ୍ରମୁଖ ପରିଚାଳନା କରିଥିଲେ।

# ଦେଶ ଉନ୍ନତିରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ




ନବାଗତ ଛାତ୍ରୀଛାତ୍ରଙ୍କ ସ୍ୱାଗତ ମହୋତ୍ସବରେ ମଞ୍ଚାସୀନ ଅତିଥିମାନେ।

**ପବିତ୍ରମୋହନ ବୈଷୟିକ ଶିକ୍ଷାନୁଷ୍ଠାନରେ ସ୍ୱାଗତ ମହୋତ୍ସବ**

ତାଳଚେର,୩୦।୮ (ମନୋଜ ନନ୍ଦ)

ଦେଶର ଉନ୍ନତି ଏବଂ ଶିକ୍ଷାର ସାମଗ୍ରିକ ବିକାଶରେ ଛାତ୍ରୀଛାତ୍ରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତାଳଚେରସ୍ଥିତ ପବିତ୍ରମୋହନ ବୈଷୟିକ ଶିକ୍ଷାନୁଷ୍ଠାନରେ ନବାଗତ ଛାତ୍ରୀଛାତ୍ରଙ୍କ ସ୍ୱାଗତ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏମ୍‌ସିଏଲ୍ ଭୁବନେଶ୍ୱରୀ କୋଇଲାଖଣି କ୍ଷେତ୍ର ମହାପ୍ରବନ୍ଧକ ଅଜୟ ସିଂହ ଏହା କହିଛନ୍ତି। ଶିକ୍ଷାନୁଷ୍ଠାନ ଅଧ୍ୟାପିକା ରୋଜାଲିନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଇଞ୍ଜିନିୟର ଶରତ ଚନ୍ଦ୍ର ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ବିକାଶ ଫାଉଣ୍ଡେଶନ ଟ୍ରଷ୍ଟ ଅଧ୍ୟକ୍ଷା ଡ. ମୃଦୁଳା ଟି. ପ୍ରଧାନ ଛାତ୍ରୀଛାତ୍ରମାନେ ଆତ୍ମ ପ୍ରଚେଷ୍ଟା, ଧୈର୍ଯ୍ୟ ଓ ମନୋବଳ ସହ ଅଧ୍ୟୟନ କଲେ ସଫଳତା ହାସଲ କରିପାରିବେ ବୋଲି ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ଉପ କୁଳପତି କମଲଜିତ ସିଂହ ଯୋଗଦେଇ ଅସମ୍ଭବ କାର୍ଯ୍ୟକୁ ସମ୍ଭବରେ ପରିଣତ କରିବା ପାଇଁ ଇଞ୍ଜିନିୟର ଛାତ୍ରୀଛାତ୍ରଙ୍କ ଠାରେ ଭଗବାନ ସେହି ଶକ୍ତି ଏବଂ ସାମର୍ଥ୍ୟ ଦେଇଥାନ୍ତି, ଫଳରେ ସେମାନେ ସଫଳତା ହାସଲ କରି ଶୀର୍ଷରେ ପହଞ୍ଚିଥାନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନ ଉପ ଅଧ୍ୟକ୍ଷ ରାଜେଶ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷା ସପନିତା ପଣ୍ଡା, ପ୍ରଶାସନିକ ଅଧିକାରୀ ରାଜେନ୍ଦ୍ର ମହାପାତ୍ର, ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ, ଅଭିଭାବକ ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

## ଦୁର୍ଘଟଣା: ୬ ଗୁରୁତର

ଛେଣ୍ଡିପଦା,୩୦।୮ (ଅଜିତ ଧଳ)

ଛେଣ୍ଡିପଦା ଥାନା ଓ ଜରପଡ଼ା ଥାନା ଅଞ୍ଚଳରେ ୩ଟି ଦୁର୍ଘଟଣାରେ ୬ଜଣ ଗୁରୁତର ହୋଇଛନ୍ତି। ଘଟଣାରୁ ପ୍ରକାଶ, କୋଶଳା-କୁମୁଣ୍ଡା ରାସ୍ତାର ପଥରନାଳ ନିକଟରେ ମୋଟର ସାଇକେଲରୁ ପଡ଼ି ୨ଜଣ ଯୁବକ ଗୁରୁତର ହୋଇଛନ୍ତି। କେତେଜଣ ଯୁବକ ଉଭୟଙ୍କୁ ଉଦ୍ଧାର କରି କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ସେହିପରି ବାଲିପଟା-ଛେଣ୍ଡିପଦା ରାସ୍ତାରେ ଏକ ମୋଟରସାଇକେଲ ଗଛରେ ପିଟିହୋଇଯିବାରୁ କୋଶଳା ଗଙ୍ଗସାହିର ରାକେଶ କୁମାର ସାହୁ, ତ୍ରିଲୋଚନ ବେହେରା ଓ ନେଙ୍କୁରୀ ସାହୁ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକମାନେ ସେମାନଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ନେଙ୍କୁରୀ ଓ ତ୍ରିଲୋଚନଙ୍କୁ ଡାକ୍ତର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ଛେଣ୍ଡିପଦା ଥାନା ପୋଲିସ ଘଟଣାର ତଦନ୍ତ ଚଳାଇଛି। ସେହିପରି ଜରପଡା ଥାନା ନାଉପଦା ଛକ ନିକଟରେ ଦୁର୍ଘଟଣାରେ ମୋଟର ସାଇକେଲ ଚାଳକ ଗୁରୁତର ହୋଇଛନ୍ତି। ତାଙ୍କୁ ଜରପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକରାଯାଇଛି। ଜରପଡା ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ସୁସ୍ଥ ଜୀବନଶୈଳୀ ଉପରେ ଗୁରୁତ୍ୱ

ଅନୁଗୋଳ,୩୦।୮ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳସ୍ଥିତ ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଦ୍ରୌପଦୀ ପଟେଲଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କ୍ରୀଡାବିତ୍ ତଥା ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ପ୍ରକାଶ କୁମାର ଗଡ଼ନାୟକ ଯୋଗ ଦେଇଥିଲେ। ସୁସ୍ଥ ଜୀବନଶୈଳୀ ଆପଣାଇବା ସହ ସଫଳ ଜୀବନଧାରଣ ପାଇଁ ସୁସ୍ଥ ଶରୀରର ଆବଶ୍ୟକତା ସମ୍ପର୍କରେ ମୁଖ୍ୟ ଅତିଥି ଆଲୋଚନା କରିଥିଲେ। ମହାବିଦ୍ୟାଳୟର କ୍ରୀଡ଼ା ଉପଦେଷ୍ଟା ସବ୍ୟସାଚୀ ଦାସ ଏବଂ ଶାରୀରିକ ଶିକ୍ଷା ପ୍ରଶିକ୍ଷକ ଡ. ଦିଲୀପ କୁମାର ପ୍ରଧାନ ଓ କଳା ଉପଦେଷ୍ଟା ଚନ୍ଦ୍ର ଶେଖର ମହାନ୍ତିଙ୍କ ତତ୍ତ୍ୱାବଧାନରେ ବିଭିନ୍ନ କ୍ରୀଡ଼ାତ୍ମକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ବର୍ଷାରାଣୀ ସାହୁ, ଭରତ ନାଏକ, ରାହୁଲ ଖଡ଼ିଆ ଓ ପୂର୍ଣ୍ଣଚନ୍ଦ୍ର ନାଏକ, ମ୍ୟୁଜିକ ଚେୟାରରେ ନୀହାରିକା ମାଝୀ, ପରିଣୀତା ବିଶ୍ୱାଳ ଓ ଇତିଶ୍ରୀ ପରିଡ଼ା, କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଚାମ୍ପିୟନ ହୋଇଥିବା ବିଇଡି ଦ୍ୱିତୀୟ ବର୍ଷର କ୍ୟାପଟେନ ମାନସ ତାଣ୍ଡିଙ୍କ ଟିମ, ରନର୍ସଅପ ହୋଇଥିବା କ୍ୟାପଟେନ ଜଗନ୍ନାଥ ଦାସଙ୍କ ଟିମକୁ ପୁରସ୍କୃତ କରାଯାଇଥିଲା। ବିଚାରକ ଭାବେ ପ୍ରାଧ୍ୟାପିକା ସୁଚିସ୍ମିତା ବେହେରା, ବିଷ୍ଣୁପ୍ରିୟା ଜେନା, ସୌଭାଗ୍ୟ ଲକ୍ଷ୍ମୀ ପାଗଡ଼, ସୁହାନା ବେଗମ, ମିତାଲି ସ୍ୱାଇଁ ଓ ପ୍ରାଧ୍ୟାପକ ପ୍ରତ୍ୟୁଷ ରଞ୍ଜନ ସାହୁ, ପ୍ରକାଶ ଚନ୍ଦ୍ର ସାହୁ, ଶିବ ପ୍ରସାଦ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ସହକାରୀ ପ୍ରଫେସର ବନମାଳୀ ବାଗ ପରିଚାଳନା କରିଥିଲେ।




କୃତୀ ଟିମ୍‌କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

# ଜାତୀୟ କ୍ରୀଡ଼ା ଦିବସ ପାଳିତ

ସାତମାଇଲ, ୩୦।୮ (ସୁଶାନ୍ତ ପତି)

ଢେଙ୍କାନାଳ ଜିଲା ହିନ୍ଦୋଳ ମହାବିଦ୍ୟାଳୟ ସଭାଗୃହରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଅଶୋକ କୁମାର ସାହୁ ସଭାରେ ପୌରୋହିତ୍ୟ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ ଅତିଥି ପରିଚୟ ଦେଇଥିଲେ। ଅଧ୍ୟାପକ କିଶୋର କୁମାର ପୃଷ୍ଟି, ଜୟନ୍ତ ନାରାୟଣ ପତି, ଅଭିରାମ ମେହେର, ଶ୍ରୀକାନ୍ତ ପ୍ରଧାନ, ଶିକ୍ଷକ ସତ୍ୟବ୍ରତ ଜେନାମଣି, ସହ ଉପସଭାପତି ପ୍ରମୁଖ ଉପସ୍ଥିତ ରହି କ୍ରୀଡ଼ା ଉପଯୋଗିତା ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରିଥିଲେ। ଉପସଭାପତିଧନ୍ୟବାଦ ଅର୍ପଣ କରିଥିଲେ।

# କ୍ରୀଡ଼ା ଶରୀର, ମନକୁ ପ୍ରଫୁଲ୍ଲ ରଖେ

ବଇଣ୍ଡା, ୩୦।୮ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟ ପରିସରରେ ଗୁରୁବାର ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ କାଳନ୍ଦୀ ଚରଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଅଧ୍ୟାପକ ଅସିତ କୁମାର ଜେନା, ନିରଞ୍ଜନ ଦାସ, ହାଡ଼ିବନ୍ଧୁ ପ୍ରଧାନ, ଶୁଭଲକ୍ଷ୍ମୀ ମାଝୀ ଯୋଗଦେଇ କ୍ରୀଡ଼ା ଶରୀର ଓ ମନକୁ ପ୍ରଫୁଲ୍ଲ ରଖେ ବୋଲି କହିଥିଲେ। ଏଥିସହ ଏହି କଲେଜରୁ କିଭଳି ଜାତୀୟସ୍ତରୀୟ ଖେଳାଳି ସୃଷ୍ଟି ହୋଇପାରିବେ ସେ ଦିଗରେ ଉଦ୍ୟମ କରିବାକୁ ଅଧ୍ୟକ୍ଷ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ସମସ୍ତ ଛାତ୍ରୀଛାତ୍ର, ମହାବିଦ୍ୟାଳୟ କର୍ମଚାରୀ ଉପସ୍ଥିତ ଥିଲେ।




# ବିଦ୍ୟାଳୟସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତା

ବଇଣ୍ଡା,୩୦।୮ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହିମିତିରା ଗ୍ରାମ ହାଇସ୍କୁଲ ଖେଳପଡିଆଠାରେ ଶୁକ୍ରବାର ବିଦ୍ୟାଳୟସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଏବିଇଓ ପ୍ରଭାକର ରାଉଳ, ଅନ୍ୟତମ ଅତିଥି ଭାବେ ଗଜେନ୍ଦ୍ର ପ୍ରଧାନ, ସରପଞ୍ଚ ସୁମିତ୍ରା ସେଠୀ, ସମିତିସଭ୍ୟ ପ୍ରଣବ କୁମାର ପ୍ରଧାନ, ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଶ୍ନ କୁମାର ନାୟକ ଯୋଗ ଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ବିଭିନ୍ନ ହାଇସ୍କୁଲର ୧୨୦ ଜଣ ଫୁଟବଲ ଖେଳାଳି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଶିକ୍ଷକ ନବୀନ ବିଶ୍ୱାଳ, ବସନ୍ତ କୁମାର ପ୍ରଧାନ, ଅରୁଣ କୁମାର ସାହୁ, ପ୍ରଦୀପ ପ୍ରଧାନ ପରିଚାଳନା କରିଥିଲେ। ଶିକ୍ଷକ କିଶୋର ଚନ୍ଦ୍ର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ବିଶେଶ୍ୱର ଦେହୁରୀଙ୍କ ନେତୃତ୍ୱରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



# ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା



ଅତିଥିମାନଙ୍କ ସହ କୃତୀ ପ୍ରତିଯୋଗୀମାନେ।

କଣିହାଁ, ୩୦।୮ (ସଚ୍ଚିଦାନନ୍ଦ ପ୍ରଧାନ)

ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଆନୁକୂଲ୍ୟରେ କଣିହାଁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅଧୀନରେ ଏକ ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ବିଜିଗୋଳଠାରେ ଅନୁଷ୍ଠିତ ହୋଇଯାଇଛି। କଣିହାଁ ଗୋଷ୍ଠୀ ଶିକ୍ଷାଧିକାରୀ ନରୋତ୍ତମ ପ୍ରଧାନ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମଙ୍ଗୁଲୁ ଚରଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତାରେ ମୋଟ ୮୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପୁରସ୍କାର ବିତରଣ ସମାରୋହରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ ଓ ପାଲଲହଡା ବିଧାୟକଙ୍କ ପ୍ରତିନିଧି ନୃସିଂହ ଚରଣ ବରାଳ, ସମ୍ମାନିତ ଅତିଥି ଭାବେ ଗଦାଶିଳା ସରପଞ୍ଚ ବୃନ୍ଦାବନ ପ୍ରଧାନ, ବିଜିଗୋଳ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୀମାରାଣି ମହାପାତ୍ର, କଣିହାଁ ପବିତ୍ର ମୋହନ ସରକାରୀ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସିଦ୍ଧି ପ୍ରସାଦ ସାହୁ ଉପସ୍ଥିତ ରହି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଖଜୁରିଆ ବିଦ୍ୟାଳୟର ଶିକ୍ଷକ ଲକ୍ଷ୍ମୀଧର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ତାଳପଦା ହାଇସ୍କୁଲର ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ପ୍ରଧାନଙ୍କ ସମେତ ୧୭ ଜଣ ସିଆର୍‌ସିସି ଓ ଗାଇଡ୍ ଶିକ୍ଷକମାନେ ସହଯୋଗ କରିଥିଲେ।

# ଏକ୍ ପେଡ୍ ମା' କେ ନାମ୍ କାର୍ଯ୍ୟକ୍ରମ

ଢେଙ୍କାନାଳ,୩୦।୮ (ରତନ ନାୟାର)

ଢେଙ୍କାନାଳ ସହର ବନମାଳୀପ୍ରସାଦସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଏକ୍ ପେଡ୍ ମା' କେ ନାମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର କୁମାର ଦାଶ, ଧରିତ୍ରୀ ମାତାଙ୍କୁ ସମ୍ମାନ ପୂର୍ବକ ଓ ପରିବେଶ ପ୍ରତି ସମ୍ବେଦନଶୀଳତା ହୋଇ ଚାରା ରୋପଣ କରି ଉଦ୍‌ଘାଟନ କରିଥିଲେ। ପ୍ରତ୍ୟେକ ବିଦ୍ୟାର୍ଥୀ ସଚେତନ ହୋଇ ଜଳବାୟୁ ପରିବର୍ତ୍ତନରେ ବୃକ୍ଷର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ନିହାର ରଞ୍ଜନଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଶିକ୍ଷାର୍ଥୀମାନେ ଅଂଶଗ୍ରହଣ କରିଥିଲେ। ଚାରା ରୋପଣକୁ ପ୍ରୋତ୍ସାହନ ପାଇଁ ଶପଥ ପାଠ କରିବା ସହିତ ବିଦ୍ୟାଳୟ ପରିସରରେ ଆମ୍ବ, ପିଜୁଳି, ଅମୃତଭଣ୍ଡା ଆଦି ୫୦ଟି ଚାରା ରୋପଣ କରାଯାଇଥିଲା।



ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଉଛି।

# ପର୍ଯ୍ୟାବରଣ ଦିବସରେ ଚାରା ରୋପଣ

ତାଳଚେର,୩୦।୮ (ମନୋଜ ନନ୍ଦ)

ଭାରତୀୟ ମଜଦୁର ସଂଘ ସହବନ୍ଧିତ ପର୍ଯ୍ୟାବରଣ ମଞ୍ଚ ଅନୁଗୋଳ ଜିଲା ତରଫରୁ ଡେରାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ପର୍ଯ୍ୟାବରଣ ଦିବସ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ତାଳଚେର ଉପଜିଲାପାଳ ମନୋଜ କୁମାର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ମାନସ ରଞ୍ଜନ ବାରିକ ଯୋଗ ଦେଇଥିଲେ। ସଂଘର କେନ୍ଦ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟା ସୁରଭି ସ୍ୱାଇଁ, ପର୍ଯ୍ୟାବରଣ ମଞ୍ଚର ପ୍ରାନ୍ତୀୟ ସଂଯୋଜକ ଶ୍ରୀନିବାସ ଖୁଣ୍ଟିଆ ଏବଂ ଜିଲା ସଂଯୋଜକ ବରିଷ୍ଠ ଆଇନଜୀବୀ ବାଉରୀବନ୍ଧୁ ବେଜ ଉପସ୍ଥିତ ରହି ପର୍ଯ୍ୟାବରଣ ଦିବସର ମହତ୍ୱ ବିଷୟରେ ମାର୍ଗଦର୍ଶନ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକମ କରାଯାଇ ସମସ୍ତଙ୍କୁ ସଚେତନ କରାଯାଇଥିଲା। ଏଥିସହ ୫୦୦ ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ସାମାଜିକ କର୍ମୀ ଓ ସିକ୍ୟୁରିଟି କର୍ମଚାରୀମାନେ ଉପସ୍ଥିତ ଥିଲେ। ପ୍ରଧାନ ମାୟାଧର ସାହୁ ଏବଂ ସଂଘର ଜିଲା ସମ୍ପାଦକ ଅଜୟ କୁମାର ପାଢୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ସେହିପରି ଆଲୁମିନିୟମ ମଜଦୁର ସଂଘ, ତାଳଚେର କୋଇଲା ଖଣି ମଜଦୁର ସଂଘ, ଏନଟିପିସି ବିଦ୍ୟୁତ୍ କର୍ମଚାରୀ ସଂଘ, ତାଳଚେର ଶିଳ୍ପାଞ୍ଚଳ ମଜଦୁର ସଂଘ, ସିକ୍ୟୁରିଟି ସଂଘ କାର୍ଯ୍ୟକର୍ତ୍ତାମାନଙ୍କ ଦ୍ୱାରା ଜିଲାର ବିଭିନ୍ନ ସ୍ଥାନରେ ୧୦ ହଜାର ଚାରା ରୋପଣ କରାଯାଇଥିଲା।



# ସୁଭଦ୍ରା ଯୋଜନା ସଚେତନତା ଶିବିର

ବଆଁରପାଳ, ୩୦।୮ (ସୁବାସ ସାହୁ)

ବଆଁରପାଳ ବ୍ଲକରେ ସୁଭଦ୍ରା ଯୋଜନାକୁ ନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବ୍ଲକର ସମସ୍ତ ୩୫ ପଞ୍ଚାୟତର ସିଆରପି, ବ୍ୟାଙ୍କମିତ୍ର, ପିଇଓ, ଏମବିକେ, ମୋ ସେବାକେନ୍ଦ୍ର, ଜନ ସେବାକେନ୍ଦ୍ର ଅପରେଟର ଓ ବିଇଓମାନେ ଅଂଶଗ୍ରହଣ କରିଥିଲେ। ଏହାସହ ପ୍ରତ୍ୟେକ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ଜିଲା ପରିଷଦ ସଦସ୍ୟମାନେ ଉପସ୍ଥିତ ଥିଲେ। ବ୍ଲକ ଅଧ୍ୟକ୍ଷ, ବିଡିଓ, ତହସିଲଦାର ଓ ଏବିଡିଓ ପ୍ରମୁଖ ଯୋଗ ଦେଇଥିଲେ। ମହିଳାଙ୍କ ସଶକ୍ତୀକରଣ ପାଇଁ ସରକାରଙ୍କ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଛି। ଏଥିପାଇଁ ବିନାମୂଲ୍ୟରେ ଫର୍ମ ଯୋଗାଇ ଦିଆଯିବ। ଫର୍ମ ପୂରଣ ପରେ ଅନ୍‌ଲାଇନରେ ମୋ ସେବା କେନ୍ଦ୍ର ଓ ଜନସେବା କେନ୍ଦ୍ରରେ ବିନା ମୂଲ୍ୟରେ ଏଣ୍ଟ୍ରି କରାଯିବାକୁ ଅବଗତ କରାଯାଇଥିଲା। ସେପ୍ଟେମ୍ବର ୨ ତାରିଖରୁ ଫର୍ମ ଯୋଗାଇ ଦେବା ସହ ଅନ୍‌ଲାଇନ ଏଣ୍ଟ୍ରି ଆରମ୍ଭ କରାଯିବାକୁ ପରାମର୍ଶ ଦିଆଯାଇଥିଲା। ବିଶେଷକରି ହିତାଧିକାରୀମାନଙ୍କ ପାଇଁ ଏହି ଯୋଜନାରେ କିପରି ସ୍ୱଚ୍ଛତା ରହିବ ଓ ମାଗଣାରେ ଅନ୍‌ଲାଇନରେ କିପରି ଏଣ୍ଟ୍ରି ହେବ ସେ ସମ୍ପର୍କରେ ଧ୍ୟାନ ଦେବାକୁ ଅନୁରୋଧ କରାଯାଇଥିଲା।



# ମଣ୍ଡଳସ୍ତରୀୟ ସଦସ୍ୟତା ଅଭିଯାନ କର୍ମଶାଳା

କଣିହାଁ,୩୦।୮ (ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ହନୁମାନପୁର ପଞ୍ଚାୟତ ଝରାବେରଣୀ କଲ୍ୟାଣମଣ୍ଡପ ପରିସରରେ ରେଙ୍ଗାଲିମଣ୍ଡଳ ଭାଜପା ପକ୍ଷରୁ ସଦସ୍ୟତା ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସଭାପତି ତ୍ରିପୁରାରୀ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ବସନ୍ତ ମଞ୍ଜରୀ ପ୍ରଧାନ, ନୃସିଂହ ବରାଳ, ସୁମନ୍ତ କୁମାର ପ୍ରଧାନ, ଚନ୍ଦନ ସ୍ୱରାଜ ଯୋଗ ଦେଇ ସଦସ୍ୟତା ଅଭିଯାନକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। କିଭଳି ଭାବେ ସଦସ୍ୟ ସଂଖ୍ୟା ବୃଦ୍ଧି କରାଯିବ ସେ ସମ୍ପର୍କରେ କର୍ମୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ସେପ୍ଟେମ୍ବର ଆରମ୍ଭରୁ ୪୫ ଦିନ ଧରି ସଦସ୍ୟତା ସଂଗ୍ରହ କାର୍ଯ୍ୟକ୍ରମ ଅଭିଯାନ ଚାଲିବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଏହି ଶିବିରରେ କଷ୍ଟୁ ଚରଣ ସାମଲ, ଟିକନ ପ୍ରଧାନ, ରାଜୁ ନାୟକ, ବିନୟ ପ୍ରଧାନ, ଲିପୁ ପ୍ରଧାନ, ପଦ୍ମଲୋଚନ ନାୟକ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ପବିତ୍ରନଗରଠାରେ ସଦସ୍ୟତା ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରହ୍ଲାଦ ସାମଲ ଅଧ୍ୟକ୍ଷତା କରିଥିବା ବେଳେ ନୃସିଂହ ବରାଳ, ଚନ୍ଦନ ସ୍ୱରାଜ, ରମେଶ ସାହୁ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ବସନ୍ତ ମଞ୍ଜରୀ ପ୍ରଧାନ, ମଣ୍ଡଳ ସହ ସମ୍ପାଦକ ସୁନୀଲ ପ୍ରଧାନ, ଅନୁସୂଚିତ ଜନଜାତି ମଣ୍ଡଳ ସଭାପତି ରଥ ଚମ୍ପିଆ, ସୌମ୍ୟରଞ୍ଜନ ସାହୁ, ପ୍ରିୟ ରଞ୍ଜନ ମହାନ୍ତି,ବିଜୟ ପ୍ରଧାନ,ମନୋଜ ସାହୁ, ମୁନା ସାହୁ, ଗଣେଶ୍ୱର ଭୁକ୍ତା,ସନ୍ତୋଷ ଖିଲାର ପ୍ରମୁଖଙ୍କ ସହ ବୁଥ୍ ପ୍ରମୁଖମାନେ ଉପସ୍ଥିତ ଥିଲେ।

## ମିଶନ ଶକ୍ତି ଗୃହ, ବିଦ୍ୟାଳୟରୁ ଚୋରି

ଛେଣ୍ଡିପଦା,୩୦।୮ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବାଗଡିଆ ଥାନା ଅନ୍ତର୍ଗତ ବସନ୍ତପୁର ପଞ୍ଚାୟତର ମିଶନ ଶକ୍ତି ଗୃହ ଓ ଡେଉଁରିଆଝରଣ ପ୍ରାଥମିକ ବିଦ୍ୟାଳୟରୁ ଗୁରୁବାର ବିଳମ୍ବିତ ରାତିରେ କେତେକ ସାମଗ୍ରୀ ଚୋରି ହୋଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ଗାଁ ମୁଣ୍ଡରେ ଥିବା ମିଶନ ଶକ୍ତି ଗୃହର ତାଲା ଭାଙ୍ଗି ଭିତରେ ପଶିବା ସହ ଗଡରେଜ ଭାଙ୍ଗି ସମସ୍ତ ଆସବାବପତ୍ର ଫୋପାଡି ଦେଇଛନ୍ତି। ମହିଳାମାନେ ବୈଠକ କରିବା ପାଇଁ ରଖାଯାଇଥିବା ଏକ ପାଲ ନେଇଯାଇଛନ୍ତି। ସେହିପରି ଡେଉଁରିଆଝରଣ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଶ୍ରେଣୀ ଗୃହ, ଗୋଦାମ ଗୃହ ଓ କାର୍ଯ୍ୟାଳୟ ତାଲା ଭାଙ୍ଗି ୨ ବସ୍ତା ଚାଉଳ, ଏକ ନୂଆ ପାଣିପମ୍ପ ସହିତ କିଛି ଆସବାବପତ୍ର ଚୋରି କରି ନେଇ ପଳାଇଛନ୍ତି। ଏ ନେଇ ମିଶନଶକ୍ତି ଓ ବିଦ୍ୟାଳୟ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

# ଘରକୁ ଘର ଯାଇ ସଦସ୍ୟ ସଂଗ୍ରହ ଉପରେ ଗୁରୁତ୍ୱ



ଛେଣ୍ଡିପଦା,୩୦।୮ (ଅଜିତ ଧଳ)

ଛେଣ୍ଡିପଦା ନିର୍ବାଚନମଣ୍ଡଳୀରେ ଭାଜପା ପକ୍ଷରୁ ବଡ଼କେରଜାଙ୍ଗ, କୋଶଳା, ଛେଣ୍ଡିପଦା, ବାଗଡିଆମଣ୍ଡଳର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ସେପ୍ଟେମ୍ବର ୧ରୁ ୪୫ ଦିନ ଯାଏ ଏହି ସଦସ୍ୟ ସଂଗ୍ରହ ଅଭିଯାନ କରାଯିବାକୁ ଥିବାରୁ ଏହାକୁ ସଫଳ କରିବା ପାଇଁ ବିଧାୟକ ଅଗସ୍ତି ବେହେରାଙ୍କ ନିର୍ଦ୍ଦେଶ କ୍ରମେ ପ୍ରଥମେ ବଡ଼କେରଜାଙ୍ଗ ମଣ୍ଡଳ ବଡହିଂସର ପଞ୍ଚାୟତର ଖୁନ୍ତେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ କୋଶଳା ମଣ୍ଡଳ ସଭାପତି ଧୋବେଇ ସାହୁ ଅଧ୍ୟକ୍ଷତା କରିଥିଲେ। ସେହିପରି ଛେଣ୍ଡିପଦା ମଣ୍ଡଳ ସଭାପତି ଗୋପବନ୍ଧୁ ଗଡ଼ନାୟକ ଓ ବାଗଡିଆ ମଣ୍ଡଳ ସଭାପତି ମନୋରଞ୍ଜନ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଛେଣ୍ଡିପଦା ଭାଜପା କାର୍ଯ୍ୟାଳୟ ଠାରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଆଇଟି ସେଲ୍ ସଂଯୋଜକ ଅକ୍ଷୟପାଦ ବେହେରା ଯୋଗଦେଇ ସମସ୍ତ ପଞ୍ଚାୟତ ଓ ବୁଥ୍‌ସ୍ତରରେ ଘରକୁ ଘର ଯାଇ ବିଜେପି କର୍ମୀମାନେ ସଦସ୍ୟତା କରିବା ଉପରେ ଆଲୋକପାତ କରିଥିଲେ। ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ସଂଯୋଜକ ଯଶୋବନ୍ତ ପ୍ରସାଦ ଯୋଗଦେଇ ସଦସ୍ୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବଡକେରଜାଙ୍ଗ ମଣ୍ଡଳ ସଭାପତି ରୁଦ୍ର ମୋହନ ଦାସଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଣ୍ଡଳ ସଭାପତି ସଂଯୋଜନା କରିଥିବାବେଳେ ଅନୁଗୋଳ ଜିଲା କୃଷକମୋର୍ଚ୍ଚା ସଭାପତି ବିଜୟ ମାଝୀ, ବରିଷ୍ଠ ନେତା ଅଜିତ କୁମାର ପ୍ରଧାନ, ବଡକେରଜାଙ୍ଗ ମଣ୍ଡଳ ସଭାପତି ରୁଦ୍ର ମୋହନ ଦାସ, ସରପଞ୍ଚ ହୃଷୀକେଶ ପ୍ରଧାନ, ଦାମୋଦର ସାହୁ, ତପନ ଦେବତା, ଯୁଗଳ କିଶୋର ଦେହୁରୀ, ମିଳାପ ପ୍ରଧାନ, ସୁମନ୍ତ ପ୍ରଧାନ, ପତିତପାବନ ଦେହୁରୀ, ଅଭିଷେକ ବେହେରା, ଜନ୍ମେଶ୍ୱର ସାହୁ ଓ ୪ଟି ମଣ୍ଡଳର ସମସ୍ତ ପଞ୍ଚାୟତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ସଦସ୍ୟ ବୃଦ୍ଧି ସମ୍ପର୍କରେ ଆଲୋଚନା

ଆଠମଲ୍ଲିକ,୩୦।୮ (ଉଦୀପ୍ତ ପୁରୋହିତ)

ଭାରତୀୟ ଜନତା ପାର୍ଟି ତରଫରୁ ସଦସ୍ୟ ସଂଗ୍ରହ ଅଭିଯାନ ପାଇଁ ଆଠମଲ୍ଲିକର ବିଭିନ୍ନ ସ୍ଥାନରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଠମଲ୍ଲିକ ଶିଶୁ ମନ୍ଦିର ପରିସରରେ ଅନୁଗୋଳ ଜିଲା ଭାଜପା ଉପସଭାପତି ତଥା ସଦସ୍ୟ ସଂଗ୍ରହ ଅଭିଯାନର ନଗର ପ୍ରଭାରୀ ଅର୍ଜୁନ କୁମାର ସାହୁଙ୍କ ନେତୃତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ନଗର ମଣ୍ଡଳର ୧୦ଟି ବୁଥ୍‌ର ସକ୍ରିୟ ଓ ସହଯୋଗୀ କର୍ମୀ ଏଥିରେ ଯୋଗଦେଇ ସଦସ୍ୟ ବୃଦ୍ଧି ସମ୍ପର୍କରେ ଆଲୋଚନା କରିଥିଲେ। ନଗର ଭାଜପା ସଭାପତି ଅବନୀ କୁମାର ପ୍ରଧାନ, ପୂର୍ବତନ ନଗର ଅଧ୍ୟକ୍ଷ ସନ୍ତୋଷ ହୋତା, ନଗର ସାଧାରଣ ସମ୍ପାଦକ ରାଜେଶ ମିଶ୍ର, କାଉନସିଲର ନୂତନ ବେହେରା, ବରିଷ୍ଠ ନେତା ପରେଶ ଦେଓ, ବିପିନ ମହାପାତ୍ର, ଦୀପକ ବେହେରା, ସୁବୋଧ କୁମାର ମିଶ୍ର, ସୁଶୀଲ ମହାକୁଡ଼, ଶିବାଶିଷ ରାଉତ, ବିଦ୍ୟୁତ୍ ପାଣିଗ୍ରାହୀ, ଅର୍ଜୁନ ରାଉଳ ପ୍ରମୁଖ ଯୋଗଦେଇଥିଲେ। ସେହିପରି ପ୍ରଭାରୀ ସାହୁଙ୍କ ନେତୃତ୍ୱରେ ବିନ୍ଧିକେୟୀ ପୀଠରେ ଅଏଡ଼ା ମଣ୍ଡଳ କର୍ମକର୍ତ୍ତାଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ପୂର୍ବତନ ମନ୍ତ୍ରୀ ତଥା ଦଳୀୟ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୀବ କୁମାର ସାହୁ ଯୋଗଦେଇ ସମସ୍ତ ଦଳୀୟ କର୍ମକର୍ତ୍ତା ସକ୍ରିୟ ହୋଇ ସଦସ୍ୟ ସଂଗ୍ରହ ଅଭିଯାନରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ।

